# NATIONAL NEWS BULLETIN (ODIA)
## 18th April - 2024
## Morning Bulletin : 7.15 a.m.

**********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆସନ୍ତାକାଲି ମତଦାନ ଅନୁଷ୍ଠିତ ହେବାକୁ ଥିବାବେଳେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି ହେବ ।

- ପ୍ରଥମ ପର୍ଯ୍ୟାୟ ମତଦାନର ଅବ୍ୟବହିତ ପୂର୍ବରୁ ଭୋଟର୍‌ମାନଙ୍କୁ ବହୁସଂଖ୍ୟାରେ ମତଦାନ କରିବାକୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଆହ୍ୱାନ କରିଛନ୍ତି ।

- ବି.ଜେ.ପି.ର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଗୁଜରାଟର୍ ଗାନ୍ଧିନଗର ଲୋକସଭା ନିର୍ବାଚନ ମଣ୍ଡଳିରେ ପ୍ରଚାର କାର୍ଯ୍ୟରେ ଯୋଗଦେବେ ।

- ଇସ୍ରାଏଲ୍ ଉପରେ ଆକ୍ରମଣ କରିଥିବା ଇରାନ୍‌ପାଇଁ ନୂଆ କଟକଣା ଲଗାଯିବ ବୋଲି ଆମେରିକା କହିଛି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଦିଲ୍ଲୀ କ୍ୟାପିଟାଲ୍‌ସ’ ଗୁଜରାଟ୍ ଟାଇଟନ୍‌ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି ।

## ଲୋକସଭା ଇଲେକ୍ସନ୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ଓ ଦୁଇଟି ରାଜ୍ୟର ବିଧାନସଭା ନିର୍ବାଚନ ନିମନ୍ତେ ଗତକାଲି ସନ୍ଧ୍ୟା ୬ଟାରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୧୪ଟି ରାଜ୍ୟର ୧୦୨ଟି ଲୋକସଭା ଆସନ ପାଇଁ ଆସନ୍ତାକାଲି ଭୋଟ୍‌ଗ୍ରହଣ କରାଯିବ । ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ସହିତ ଆସନ୍ତାକାଲି ସିକ୍କିମ୍ ବିଧାନସଭାର ୩୨ ଓ ଅରୁଣାଚଳ ପ୍ରଦେଶ ବିଧାନସଭାର ୬୦ଟିଯାକ ଆସନପାଇଁ ଭୋଟ୍‌ଗ୍ରହଣ ହେବ ।

## ଇ.ସି. - ଫୋର୍ଥ ଆଣ୍ଡ ଥାର୍ଡ୍ ଫେଜ୍

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଆଜି ବିଜ୍ଞପ୍ତି ଜାରି ହେବ । ଏହି ପର୍ଯ୍ୟାୟରେ ମେ ମାସ ୧୩ ତାରିଖରେ ୯ଟି ରାଜ୍ୟ ଓ

ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ । ଆନ୍ଧ୍ରପ୍ରଦେଶର ୧୭୫ଟି ଯାକ ବିଧାନସଭା ଆସନ ଏବଂ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୨୮ଟି ବିଧାନସଭା ଆସନ ପାଇଁ ମତଦାନ ସକାଶେ ମଧ୍ୟ ବିଜ୍ଞପ୍ତି ଜାରି ହେବ ।

ତୃତୀୟ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆସନ୍ତାକାଲି ଶେଷ ହେବ । ଏହି ପର୍ଯ୍ୟାୟରେ ମେ ମାସ ୭ ତାରିଖରେ ୧୦ଟି ରାଜ୍ୟ ଓ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳର ୯୪ଟି ଲୋକସଭା ଆସନରେ ମତଦାନ ହେବ ।

## ସି.ଇ.ସି. - ଭୋଟ୍ ଅପିଲ୍ ଫାର୍ଷ୍ଟ ଫୋଜ୍

ଦେଶରେ ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ଆସନ୍ତାକାଲି ହେବାକୁ ଥିବା ମତଦାନର ଅବ୍ୟବହିତ ପୂର୍ବରୁ ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାର ମତାଦାତାଙ୍କୁ ସେମାନଙ୍କର ଗଣତାନ୍ତ୍ରିତ ଦାୟିତ୍ୱବୋଧ ଓ ମତଦାନ ଅଧିକାରକୁ ସାବ୍ୟସ୍ତ କରିବାପାଇଁ ଆହ୍ୱାନ କରିଛନ୍ତି । ଲୋକମାନଙ୍କର ବିଚାରଶୀଳ ଅଂଶଗ୍ରହଣ ଫଳରେ ଭାରତରେ ନିର୍ବାଚନଗୁଡ଼ିକ ନିୟମିତ, ଅବାଧ ଓ ଶୃଙ୍ଖଳାର ସହିତ ହୋଇପାରୁଥିବା ଶ୍ରୀ କୁମାର ଆକାଶବାଣୀକୁ କହିଛନ୍ତି । ଲୋକମାନେ ବହୁସଂଖ୍ୟାରେ ମତଦାନ

କେନ୍ଦ୍ରଗୁଡ଼ିକୁ ଯାଇ ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ସେ ନିବେଦନ କରିଛନ୍ତି । ଏକ୍ଷେତ୍ରରେ ଯୁବକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି । ଏହାସହିତ ଶ୍ରୀ କୁମାର କହିଛନ୍ତି, ବରିଷ୍ଠ ନାଗରିକ ବିଶେଷକରି ୮୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ଓ ଭିନ୍ନକ୍ଷମ ଲୋକମାନଙ୍କ ପାଇଁ ଘରୁ ରହି ମତଦାନ କରିବାର ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ସମସ୍ତ ମତଦାନ କେନ୍ଦ୍ରକୁ ତଳମହଲାରେ କରାଯିବା ସହ ପାନୀୟ ଜଳ, ଶୌଚାଳୟ, ହ୍ୱିଲ୍ ଚେୟାର ଆଦିର ବ୍ୟବସ୍ଥା କରାଯାଇଛି । ଦେଶରେ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାତାମାନେ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁକ ଶ୍ରୀ କୁମାର ନିବେଦନ କରିଛନ୍ତି ।

## ଗୁଜରାଟ୍ - ଅମିତ୍ ଶାହା

ବରିଷ୍ଠ ବି.ଜେ.ପି. ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆଜି ଗୁଜରାଟ୍‌ର ଗାନ୍ଧିନଗର ଲୋକସଭା ନିର୍ବାଚନ ମଣ୍ଡଳିରେ ୩ଟି ରୋଡ୍‌ଶୋ’ କରିବା ସହିତ ଏକ ସଭାରେ ଉଦ୍‌ବୋଧନ ଦେବେ । ଶ୍ରୀ ଶାହା ଗାନ୍ଧିନଗର ଆସନରୁ ଲୋକସଭା ନିର୍ବାଚନ ଲଢୁଛନ୍ତି । ସେ ଆନ୍ତାକାଲି ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି, ଶ୍ରୀ ଶାହା ଆଜି ଅହମ୍ମଦାବାଦ ଜିଲ୍ଲାର ସାନନ୍ଦ ସହରରେ ତାଙ୍କର ପ୍ରଥମ ରୋଡ୍‌ଶୋ’ କରିବେ ଓ ପରେ ଗାନ୍ଧିନଗର

ଜିଲ୍ଲାର କଲୋଲ୍‌ରେ ଦ୍ୱିତୀୟ ଓ ଗାନ୍ଧିନଗରର ପ୍ରମୁଖ ଅଞ୍ଚଳଗୁଡ଼ିକରେ ତୃତୀୟ ରୋଡ୍‌ଶୋ' କରିବେ । ଅହମ୍ମଦାବାଦ ସହରର ଭେଜାଲପୁର ଅଞ୍ଚଳରେ ସେ ଆଜି ଏକ ନିର୍ବାଚନ ସଭାରେ ଉଦ୍‌ବୋଧନ ଦେବେ । ଶ୍ରୀ ଶାହାଙ୍କ ସହିତ ଆଜି ଗୁଜରାଟ୍‌ରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ ବରିଷ୍ଠ ନେତା ତଥା ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ଠାକୁର ମଧ୍ୟ ଯୋଗଦେବେ । ଅନ୍ୟପକ୍ଷରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ତଥା ଆପ୍ ଦଳର ନେତା ଭଗୱାନ୍ତ ମାନ୍ ଭରୁଚ୍‌ରେ ରୋଡ୍‌ଶୋ'ରେ ଯୋଗଦେବେ ।

## ଇଣ୍ଡିଆ- ପପୁଲେସନ୍ - ୟୁ.ଏନ୍

ଜନସଂଖ୍ୟା ଦୃଷ୍ଟିରୁ ଭାରତ ବିଶ୍ୱର ପ୍ରଥମ ଦେଶ ହୋଇଛି । ଜାତିସଂଘ ଜନସଂଖ୍ୟା ପାଣ୍ଠି - ୟୁ.ଏନ୍.ଏଫ୍.ପି.ଏ.ର ଆକଳନ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୪ କୋଟି ହୋଇଥିବାବେଳେ ଦ୍ୱିତୀୟ ସ୍ଥାନରେ ଥିବା ଚୀନ୍‌ର ଜନସଂଖ୍ୟା ୧୪୨ କୋଟି ୫୦ ଲକ୍ଷ ରହିଛି । ଏହି ଜନସଂଖ୍ୟା ବୃଦ୍ଧି' ଭାରତର ସାମାଜିକ ଓ ଆର୍ଥିକ ସ୍ଥିତିରେ ଅଭିବୃଦ୍ଧି ଏବଂ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଁ ହୋଇଥିବା ରିପୋର୍ଟରେ କୁହାଯାଇଛି । ୨୦୧୧ ଆକଳନରେ ଭାରତର ଜନସଂଖ୍ୟା ୧୨୧ କୋଟି ଥିଲା । ଚୀନ୍‌ର ଜନସଂଖ୍ୟା ୨୦୨୨ରେ ସର୍ବାଧିକ ସ୍ତର ୧୪୨ କୋଟି ୬୦ ଲକ୍ଷରେ

ଥିଲା । ୨୦୨୨ ପରଠାରୁ ଚୀନ୍‌ର ଜନସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି ।

## ଆକ୍ସିଡେଣ୍ଟ

ଅହମ୍ମଦାବାଦ-ବରୋଦା ଏକ୍ସପ୍ରେସ୍ ୱେରେ ଗତକାଲି ଏକ ଟ୍ରେଲର୍ ପଛରେ କାର୍ ପିଟି ହୋଇଯିବାରୁ ୧୦ ଜଣଙ୍କର ମୃତ୍ୟୁ ହୋଇଛି । ପୁଲିସ୍‌ର ସୂଚନା ଅନୁଯାୟୀ ଦ୍ରୁତ ବେଗ ଯୋଗୁଁ କାର୍‌ଟି ନିୟନ୍ତ୍ରଣ ହରାଇ ସାମ୍ନାରେ ଯାଉଥିବା ଟ୍ରେଲ୍ ପଛରେ ପିଟି ହୋଇଯାଇଥିଲା । ଘଟଣାସ୍ଥଳରେ ୮ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ ଜଣ ଡାକ୍ତରଖାନା ଯିବା ବାଟରେ ମୃତ୍ୟୁବରଣ କରିଥିଲେ ।

## ବାଂଲାଦେଶ ଆକ୍ସିଡେଣ୍ଟ୍

ବାଂଲାଦେଶର ଢାକା-ଖୁଲାନା ରାଜପଥ ଫରିଶପୁରଠାରେ ଏକ ବସ୍ ଓ ପିକକ୍ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୧୪ ଜଣଙ୍କର ମୃତ୍ୟୁ ହୋଇଛି । ପୁଲିସ୍‌ର ସୂଚନା ଅନୁଯାୟୀ ଘଟଣାସ୍ଥଳରେ ୧୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଡାକ୍ତରଖାନାରେ ଆଉ ୨ ଜଣଙ୍କର ମୃତ୍ୟୁ ହୋଇଛି ।

ମୃତକଙ୍କ ମଧ୍ୟରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଅଛନ୍ତି । ପିକଅପ୍ ଟ୍ରକ୍‌ରେ ୧୫ ଜଣ ଲୋକ ଯାତ୍ରା କରୁଥିଲେ ।

## ବି.ଏସ୍.ଏଫ୍. - ପାକ୍ ଡ୍ରୋନ୍

ରାଜସ୍ଥାନର ଅନୁପଗଡ଼ ଜିଲ୍ଲା ଭାରତ-ପାକିସ୍ତାନ ସୀମା ଅଞ୍ଚଳରେ ବି.ଏସ୍.ଏଫ୍. ନିଶାଦ୍ରବ୍ୟ ବହନ କରି ଯାଉଥିବା ଏକ ପାକିସ୍ତାନୀ ଡ୍ରୋନ୍‌କୁ ଖସାଇ ଦେଇଛନ୍ତି । ସରକାରୀ ସୂତ୍ରରୁ ଜଣାପଡ଼ିଛି, ଏହି ଡ୍ରୋନ୍‌ଟି ପ୍ରାୟ ୧୩ କୋଟି ଟଙ୍କା ମୂଲ୍ୟର ହେରୋଇନ୍ ବହନ କରୁଥିଲା । ଡ୍ରୋନ୍‌ଟିକୁ ଖସାଇଦେବା ପରେ ବି.ଏସ୍.ଏଫ୍. ପକ୍ଷରୁ ତଲାସୀ କରାଯାଇଥିଲା । ସେଠାରୁ ହେରୋଇନ୍ ପ୍ୟାକେଟ୍ ଜବତ କରାଯାଇଥିଲା । ଜବତ ଡ୍ରୋନ୍ ଓ ହେରୋଇନ୍ ନିଶାନିବାରଣ ବ୍ୟୁରୋକୁ ହସ୍ତାନ୍ତର କରାଯାଇଛି ।

## ଜେ.କେ. - ଗଭର୍ଣ୍ଣର - ସିଭିଲିଆନ୍ କିଲ୍‌ଡ୍

ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଦକ୍ଷିଣ କାଶ୍ମୀରର ଅନନ୍ତନାଗ ଜିଲ୍ଲାର ବିଜ୍‌ବେହାରା ଅଞ୍ଚଳରେ ଜଣେ ସାଧାରଣ ନାଗରିକଙ୍କୁ ସନ୍ତ୍ରାସବାଦୀମାନେ ମାରି ଦେଇଥିବାରୁ ଏହାର ଦୃଢ଼ ନିନ୍ଦା କରିଛନ୍ତି । ସମ୍ପୃକ୍ତ

ଅଞ୍ଚଳରେ ବିହାରର ଜଣେ ଲୋକ ସନ୍ତ୍ରାସବାଦୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି । ଜମ୍ମୁ-କାଶ୍ମୀର ନ୍ୟାସନାଲ୍ କନ୍‌ଫରେନ୍‌ସ ସଭାପତି ଫାରୁକ୍ ଅବଦୁଲ୍ଲା ଓ ଉପସଭାପତି ଓମାର ଅବଦୁଲ୍ଲା ଏହି ଘଟଣା ପାଇଁ ଗଭୀର ଶୋକ ବ୍ୟକ୍ତ କରିଛନ୍ତି । ପି.ଡି.ପି. ମୁଖ୍ୟ ମେହବୁବା ମୁଫ୍‌ତି ମଧ୍ୟ ସମବେଦନା ଜଣାଇଛନ୍ତି ।

## ୟୁ.ଏସ୍.ଏ. - ଇରାନ୍ ସାଙ୍କ୍‌ସନ୍

ଇଜ୍ରାଏଲ୍ ଉପରେ ଆକ୍ରମଣ କରିଥିବା ଇରାନ୍ ପାଇଁ ନୂଆ କଟକଣା ଲଗାଯିବ ବୋଲି ଆମେରିକା କହିଛି । ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ୍ କହିଛନ୍ତି, ଇରାନ୍‌ର କ୍ଷେପଣାସ୍ତ୍ର ଓ ଡ୍ରୋନ୍ କାର୍ଯ୍ୟକ୍ରମ ଉପରେ କଟକଣା ଲାଗୁ କରାଯିବ । ଏପରିକି ଇରାନ୍ ଉପରେ ଅଧିକ କଟକଣା ଲଗାଇବା ଲାଗି ରାଷ୍ଟ୍ରପତି ଜୋ ବାଇଲେନ୍ ଜି-୭ ରାଷ୍ଟ୍ରଗୁଡ଼ିକ ସହିତ ଆଲୋଚନା କରିଥିବା ସେ କହିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଗତକାଲି ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ' ଗୁଜରାଟ୍

ଟାଇଟନ୍‌ସକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୯୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ୍ ୮ ଓଭର୍ ଓ ୫ଟି ବଲ୍ ଖେଳି ୪ ଓ୍ୱିକେଟ୍ ବିନିମୟରେ ୯୨ ରନ୍ ସଂଗ୍ରହ କରିଥିଲା । ଏହି ମ୍ୟାଚ୍‌ରେ ରିଷଭ୍ ପନ୍ଥ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍‌ସ ଫିଲ୍‌ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ଗୁଜରାଟ୍ ଦଳ ୧୭ ଓଭର୍ ୩ଟି ବଲ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଆଇ.ପି.ଏଲ୍. ଇତିହାସରେ ଗତକାଲି ଗୁଜରାଟ୍ ଦଳ ନିଜର ସର୍ବନିମ୍ନ ସ୍କୋର୍ ୮୯ ରନ୍ କରିଥିଲା । ପୂର୍ବରୁ ଗୁଜରାଟ୍ ଦଳର ସର୍ବନିମ୍ନ ସ୍କୋର ୧୨୫ ଥିଲା । ଦିଲ୍ଲୀ କ୍ୟାପିଟାଲ୍‌ସ୍ ପକ୍ଷରୁ ମୁକେଶ କୁମାର ୩ଟି ଓ୍ୱିକେଟ୍ ହାସଲ କରିଥିଲେ । ଏହି ବିଜୟ ସହିତ ଦିଲ୍ଲୀ କ୍ୟାପିଟାଲ୍‌ସ୍ ପଏଣ୍ଟ ତାଲିକାରେ ନବମରୁ ଷଷ୍ଠ ସ୍ଥାନକୁ ଉଠିପାରିଛି । ଅନ୍ୟପକ୍ଷରେ ଗୁଜରାଟ୍ ସପ୍ତମ ମ୍ୟାଚ୍‌ରେ ଚତୁର୍ଥ ପରାଜୟ ବରଣ କରି ପଏଣ୍ଟ୍ ତାଲିକାରେ ସପ୍ତମ ସ୍ଥାନରେ ରହିଛି । ଆଜି ଚଣ୍ଡୀଗଡ଼ରେ ପଞ୍ଜାବ କିଙ୍ଗ୍‌ସ୍ ଓ ମୁମ୍ବାଇ ଇଣ୍ଡିଆନ୍‌ସ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ମୁକାବିଲା ହେବ ।

## ଓଡ଼ିଶା – ହିଟ୍‌ୱେଭ୍

ଭାରତୀୟ ପାଣିପାଗ ବିଭାଗ ପରବର୍ତ୍ତୀ ୪ ଦିନ ଧରି ଓଡ଼ିଶା ଓ ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳରେ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବାର ଅନୁମାନ କରିଛି । ଝାଡ଼ଖଣ୍ଡ, ଉତ୍ତର କୋଙ୍କୋଣ, ସୌରାଷ୍ଟ୍ର, ମଧ୍ୟ ମହାରାଷ୍ଟ୍ର, ଉପକୂଳ

ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ତାମିଲନାଡୁ ଓ ପୁଡୁଚେରୀରେ ମଧ୍ୟ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ଅଛି । ପାଣିପାଗ ବିଭାଗ କହିଛି, ପରବର୍ତ୍ତୀ ୩ ଦିନ ଧରି ପୂର୍ବ ଓ ଦକ୍ଷିଣ ଭାରତରେ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଉତ୍ତର ପଶ୍ଚିମାଞ୍ଚଳରେ ଆସନ୍ତାକାଲି ଠାରୁ ରବିବାର ପର୍ଯ୍ୟନ୍ତ ବର୍ଷା, ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତ ହେବାର ପାଣିପାଗ ବିଭାଗ ଅନୁମାନ କରିଛି । ଜାମ୍ମୁ, କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବଲ୍ଟିସ୍ତାନ, ମୁଜାଫରାବାଦ୍, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଅଳ୍ପରୁ ମଧ୍ୟମ ବର୍ଷା ହୋଇପାରେ । ପଞ୍ଜାବ, ହରିଆନା, ଚଣ୍ଡିଗଡ଼ ଓ ଦିଲ୍ଲୀରେ ପରବର୍ତ୍ତୀ ତିନି ଦିନ ଧରି କାଁ ଭାଁ ବର୍ଷା ହେବାର ପାଣିପାଗ ବିଭାଗ ଅନୁମାନ କରିଛି ।

ଓଡ଼ିଶାରେ ଏବେ ପ୍ରବଳ ଗ୍ରୀଷ୍ମଲହରୀ ଜାରି ରହିଛି । ଗତକାଲି ଅଧିକାଂଶ ଅଞ୍ଚଳରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍‌ରୁ ଅଧିକ ଥିଲା । ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର କାର୍ଯ୍ୟାଳୟ ସୂଚନା ଅନୁସାରେ ଆସନ୍ତା ଦୁଇ ତିନି ଦିନ ଧରି ଏହି ଅବସ୍ଥା ଜାରି ରହିବ । ମୟୂରଭଞ୍ଜ, ନୂଆପଡ଼ା, ଗଜପତି ଓ ନୟାଗଡ଼ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ଗ୍ରୀଷ୍ମଲହରୀ ଅନୁଭୂତ ହେବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରି କରିଛି । ଇତିମଧ୍ୟରେ ରାଜ୍ୟ ସରକାର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକୁ ୨୦ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ନେଇ ଘୋଷଣା କରିଛନ୍ତି ।

*****